ପ୍ରେସ୍ ନୋଟ୍

## ବିଭିନ୍ନ ବିଭାଗର ପ୍ରକଳ୍ପର ଅଗ୍ରଗତିକୁ ନେଇ ସମୀକ୍ଷା କଲେ ଜିଲ୍ଲାପାଳ ।

ଅନୁଗୋଳ,ତା.୦୭.୦୩:- ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ଛେଣ୍ଡିପଦା ଓ ବଅଁରପାଳ ବ୍ଲକରେ ଜିଲ୍ଲା ଖଣିଜ ପାଣ୍ଠିରେ ପ୍ରତିଷ୍ଠା ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତିକୁ ନେଇ ଜିଲ୍ଲାପାଳ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ଚାଲୁଥିବା ପ୍ରକଳ୍ପର ଯନ୍ତ୍ରାଂଶ ଓ ପାଇପ୍ ଖରାପ ଥିବାରୁ ଏହାକୁ ତୁରନ୍ତ ମରାମତି କରିବାକୁ ପରାମର୍ଶ ଦେଇଛନ୍ତି । ପାଳଲହଡାରେ ମାଟି ତଳେ ଯାଇଥିବା ପାନୀୟ ଜଳ ଯୋଗାଣ ପାଇପ୍ ଉପରେ ଅନ୍ୟ ଏକ କମ୍ପାନୀର ପାଇପ୍ ଯିବା ଦ୍ୱାରା ସମ୍ପୃକ୍ତ ଜଳ ଯୋଗାଣ ପାଇପ୍‌ଗୁଡିକ କ୍ଷତିଗ୍ରସ୍ତ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।କ୍ଷତିଗ୍ରସ୍ତ ପାଇପ୍ ସ୍ଥାନରେ ନୂତନ ପାଇପ୍ ଲଗାଇବାକୁ ସମ୍ପୃକ୍ତ କମ୍ପାନି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ନିଜ ପାଇପ୍‌କୁ ଉକ୍ତ ସ୍ଥାନରୁ ହଟାଇବାକୁ କୁହାଯାଇଛି । ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ଶେଷ କରି ଚଳିତ ବର୍ଷ ଶେଷ ସୁଦ୍ଧା ପାନୀୟ ଜଳ ଯୋଗାଣ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ । ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବିଭିନ୍ନ ପ୍ରକଳ୍ପର ବକେୟା ପାଉଣା ତୁରନ୍ତ ପରିଶୋଧ କରି ବିନିଯୋଗ ପ୍ରମାଣ ପତ୍ର ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ତାଳଚେର ଷ୍ଟାଡିୟମ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ଆବଶ୍ୟକ ଟେଣ୍ଡର ଆହ୍ୱାନ କରିବାକୁ ପରାମର୍ଶ ଦିଆଯାଇଛି । ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ,କ୍ଷୁଦ୍ର ଜଳସେଚନ,ଜି ଇ ଡି, ବିଦ୍ୟୁତ୍, ଉଦ୍ୟାନ ଓ ଉଠା ଜଳସେଚନ ପ୍ରଭୃତି ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଉପସ୍ଥିତ ଥିଲେ ।

